

# ଜଳ ପ୍ରଦୁଷଣ ପ୍ରତିରୋଧ ପାଇଁ ଆଇନ୍‌ର ବ୍ୟବହାର

**ଅଶ୍ୱୀକରଣ**

ଏହି ପ୍ରକାଶନର କୌଣସି କପି ରାଇଟ ନାହିଁ । ଆପଣ ବିନା ଦ୍ୱିଧାରେ ବାଣ୍ଟି ପାରିବେ ଓ ଅନୁବାଦ କରିପାରିବେ ଏବଂ ଅନ୍ୟ ପାଖରେ ଦେଇ ପାରିବେ । ଆପଣଙ୍କୁ ଅନୁରୋଧ ରହିଲା ଯେ ଆପଣ ଯଦି ପ୍ରକାଶନ କରୁଛନ୍ତି କିମ୍ବା ଅନୁବାଦ କରୁଛନ୍ତି ତେବେ ଏହି ପ୍ରକାଶନାର ଆଭାର ଦିଅନ୍ତୁ ଏବଂ ପୁନଃ ପ୍ରକାଶନା, ଅନୁବାଦର କପି ସି.ପି.ଆର- ପରିବେଶ ନ୍ୟାୟ୍ କାର୍ଯ୍ୟକ୍ରମକୁ ପଠାନ୍ତୁ ।

**ରିସର୍ଚ୍ଚ-**ସେଣ୍ଟର ଫର ପଲିସି ରିସର୍ଚ୍ଚ (ସିପିଆର)-ନମତି ଏନଭାଇରନ୍‌ମେଣ୍ଟ ଜଷ୍ଟିସ୍ ପ୍ରୋଗ୍ରାମ
**କଭର ଫୋଟ-**ବାପି ଗୁଜରାଟ, ଆବ୍ରେ ଢାଦେ
**ରୂପରେଖ-**ରେଏ ଜାଚରିହା
**ମୁଦ୍ରାଣ -** ପ୍ରିଣ୍ଟ ଫୋର୍ସ

**ଏହି ରିସର୍ଚ୍ଚ କାମ ପାଇଁ ଦୂଲେପ ମିଠାଇ ନେଚର କନ୍‌ଜରଭେସନ୍ ଟ୍ରଷ୍ଟ (ଡ଼ି.ଏମ. ଏନ.ସି.ଟି)**



# 01

# ଜଳ ପ୍ରଦୂଷଣ କଣ ?


01

# ଜଳ ପ୍ରଦୂଷଣ କଣ ?

ଯଦି ଜଳ ଦୂଷିତ ହୁଏ କିମ୍ବା ଏହାର ଗୁଣବତ୍ତାରେ ପରିବର୍ତ୍ତନ ଜଳରେ ଆବର୍ଜନା କିମ୍ବା  କଳକାରଖାନାର ଆବର୍ଜନା ବା ଅନ୍ୟ କୌଣସି କଠିନ, ତରଳ କିମ୍ବା ବାଷ୍ପୀୟ ଦ୍ରବ୍ୟ ମିଶ୍ରଣ ଦ୍ୱାରା ହୋଇଥାଏ ଯାହାକି ଏହାକୁ ଅପରିଷ୍କାର କରିଥାଏ କିମ୍ବା ରାସାୟନିକ ସାର



- ଜନସାଧାରଣଙ୍କର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା



- ଘରୋଇ, ବ୍ୟବସାୟିକ, ଚାଷ କାର୍ଯ୍ୟ, କଳକାରଖାନା ଓ ଅନ୍ୟାନ୍ୟ ଯଥାର୍ଥ କ୍ଷେତ୍ରରେ ବ୍ୟବହାର



- ପଶୁ, ବୃକ୍ଷଲତା ଓ ଜଳଚର ପ୍ରାଣୀଙ୍କର ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ବା କ୍ଷତିକାରକ ହୁଏ ତେବେ ଏହାକୁ ଜଳ ପ୍ରଦୂଷଣ କୁହାଯାଏ ।

## ଜଳ ପ୍ରଦୂଷଣ ବୋଲି କାହାକୁ ଦର୍ଶାଯାଇଥାଏ

ଘରୋଇ, କଳକାରଖାନା ଓ ଚାଷକାର୍ଯ୍ୟ ଯୋଗୁଁ ଜଳ ପ୍ରଦୂଷିତ ହୋଇଥାଏ । ଏହି ଲିଖିତ ବକ୍ତବ୍ୟରେ  ମୁଖ୍ୟତଃ କଳକାରଖାନା ଯୋଗୁଁ ଜଳ ପ୍ରଦୂଷଣ ବିଷୟରେ ଆଲୋଚନା କରାଯାଇଅଛି ।

**କଳକାରଖାନା ସମ୍ବନ୍ଧୀୟ**

- ରାସାୟନିକ ପଦାର୍ଥ ଆରସନ୍, ସୀସା, ପାରଦ, ନାଇଟ୍ରେଟ୍ ଏବଂ ସଲଫର
- ତୈଳ ଓ ତୈଳ ରାସାୟନିକ ପଦାର୍ଥ

**ଘରୋଇ ବ୍ୟବହାର ସମ୍ବନ୍ଧୀୟ**

- ନର୍ଦ୍ଦମା
- ବର୍ଜ୍ୟବସ୍ତୁ

**ଚାଷକାର୍ଯ୍ୟରେ ବ୍ୟବହାର ସମ୍ବନ୍ଧୀୟ**

- ରାସାୟନିକସାର
- କୀଟ ଓ ପୋକ ମରା ଔଷଧ

## ଜଳ ପ୍ରଦୂଷଣ ଉତ୍ସ ଗୁଡ଼ିକ କଣ?

### ଏକକ/ଅଭିଭାଜିତ ଚିହ୍ନିତ ଉତ୍ସ

ପ୍ରଦୂଷଣର ନିର୍ଦ୍ଦିଷ୍ଟ /ଏକକ ଉତ୍ସ

### ବିକ୍ଷିପ୍ତ ଉତ୍ସରୁ ଘଟୁଥିବା ପ୍ରଦୂଷଣ

ପ୍ରଦୂଷଣର ଏକାଧିକ ଉତ୍ସ



# 02 ଆଇନ ଓ ସଂସ୍ଥାପିତ ସଂସ୍ଥା

02

# ଆଇନ ଓ ସଂସ୍ଥାପିତ ସଂସ୍ଥା

## ଜଳ ପ୍ରଦୂଷଣ ପର୍ଯ୍ୟବେକ୍ଷଣ ପାଇଁ ପ୍ରତିଷ୍ଠିତ ସଂସ୍ଥା

| | | |
|---|---|---|
| **ଆଇନ୍** | • ଜଳ ଆଇନ୍ ୧୯୭୪ | • ପରିବେଶ ସୁରକ୍ଷା ଆଇନ୍ ୧୯୮୬ |
| **କେନ୍ଦ୍ରୀୟ** | • କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ | • ପରିବେଶ , ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆଦିଲ୍ଲୀ |
| **ରାଜ୍ୟ** | • ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ | • ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଆଞ୍ଚଳିକ କାର୍ଯ୍ୟାଳୟ |
| **ଆଞ୍ଚଳିକ** | • ଆଞ୍ଚଳିକ ପ୍ରଦୂଷଣ ବୋର୍ଡ | |

## କେଉଁ ପ୍ରକାର ଅନୁମତି ଆବଶ୍ୟକ

### ୧-ପ୍ରତିଷ୍ଠା ନିମନ୍ତେ ସମ୍ମତି

ଯେ କୌଣସି କାରଖାନା, କାର୍ଯ୍ୟ କିମ୍ବା ପ୍ରକ୍ରିୟା ଯାହା ମଇଳା କିମ୍ବା ଆବର୍ଜନା ଜଳକୁ ନିର୍ଗମନ କରୁଥିବା ସେସବୁ ଜଳ ଅଧିନିୟମ, ୧୯୭୪ ଅନୁଯାୟୀ ନିର୍ଗମନ ସ୍ଥାନ ବା ନିର୍ଗମନ ପଥ ସୃଷ୍ଟି କରିବା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ଅନୁମତି ହାସଲ କରିବା ଆବଶ୍ୟକ ।

### ୨-ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ସମ୍ମତ

ଉତ୍ପାଦନ ଆରମ୍ଭ କରିବା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ  ଅନୁମତି ହାସଲ  । ଜଳାଶୟକୁ ମଇଳା କିମ୍ବା ଆବର୍ଜନା କରୁଥିବା ଶିଳ୍ପ ପ୍ରତିଷ୍ଠାନ, କାର୍ଯ୍ୟ କିମ୍ବା ପ୍ରକ୍ରିୟାକୁ  ଏହାର କାର୍ଯ୍ୟଶୈଳୀ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ନିମନ୍ତେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିବା ପାଇଁ ଅନୁମତି ପ୍ରଦାନ କରାଯାଇଥାଏ ।

### ୩-ପରିବେଶ ମଞ୍ଜୁରୀ

କେତେକ ନିର୍ଦ୍ଦିଷ୍ଟ ପ୍ରକଳ୍ପ କିମ୍ବା କାର୍ଯ୍ୟକ୍ରମ (ପରିବେଶ ପ୍ରଭାବ ଆକଳନ ନୋଟିଫିକେସନ୍ ୨୦୦୬ରେ ତାଲିକାଭୁକ୍ତ) ନିମନ୍ତେ ପ୍ରାକ୍ ପରିବେଶ ମଞ୍ଜୁରୀ ପ୍ରାପ୍ତି ବାଧ୍ୟତାମୂଳକ ଅଟେ । ପରିବେଶ ମଞ୍ଜୁରୀ କେତେଗୁଡ଼ିଏ ସର୍ତ୍ତର ଅନୁପାଳନକୁ ଅନ୍ତର୍ଭୁକ୍ତ କରିଥାଏ । ଏହା ଜଳପରିମାଣ ଆବଶ୍ୟକତା, ନିର୍ଗମନ ସ୍ଥାନ ଏବଂ  ଭୂଜଳ ତଦାରଖ ଇତ୍ୟାଦି ବିଷୟକ ସର୍ତ୍ତ ବାବଦରେ ହୋଇପାରେ ।

# ଉପଲବ୍ଧ ଆଇନଗତ ବ୍ୟବସ୍ଥା

## ଜଳ ଅଧିନିୟମ ଅନ୍ତର୍ଗତ

ଜଳ ଅଧିନିୟମ ଅନୁଯାୟୀ କୌଣସି ବ୍ୟକ୍ତି ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ପ୍ରସ୍ତୁତ ମାନକ ଦ୍ୱାରା ନିର୍ଦ୍ଧାରିତ ବିଷାକ୍ତ, ଅହିତକର କିମ୍ବା ପ୍ରଦୂଷଣ ସୃଷ୍ଟି କରୁଥିବା ପଦାର୍ଥକୁ ଜ୍ଞାତସାରରେ

- ପ୍ରତ୍ୟକ୍ଷ ବା ପରୋକ୍ଷରେ ଝରଣା କିମ୍ବା କୂପ କିମ୍ବା ନାଳ କିମ୍ବା ଭୂଭାଗରେ ନିକ୍ଷେପ କରି
- ଜଳର ସ୍ୱାଭାବିକ ପ୍ରବାହକୁ ପ୍ରତରୋଧ କରିବା ଫଳରେ ପ୍ରଦୂଷଣ ମାତ୍ରାର ବୃଦ୍ଧି ବା ଅନ୍ୟ କାରଣ ଯୋଗୁଁ ହେଉଥିବା ପ୍ରଦୂଷଣ ମାତ୍ରାର ବୃଦ୍ଧି କରିପାରିବେ ନାହିଁ ।

## ଜରୁରୀ କାଳୀନ ପଦକ୍ଷେପ

କୌଣସି ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଅପରିକଳ୍ପିତ କାର୍ଯ୍ୟ ବା ଘଟଣା ଘଟିବା ସ୍ଥଳେ ଯଦି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୌଣସି ତତକ୍ଷଣାତ ପଦକ୍ଷେପ ଗ୍ରହଣ କରିବା ବିଚାର କରେ ତେବେ ଏହା  ଜଳ ଅଧିନିୟମର ଅନୁଚ୍ଛେଦ ୩୨ ଅନୁଯାୟୀ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିପାରିବ ।


## ଭାରତୀୟ ଦଣ୍ଡ ବିଧାନ ଆଇନ୍ ୧୮୬୦ ଅନୁଯାୟୀ

ଅନୁଚ୍ଛେଦ-୨୬୮- ନିରୂପଣ କରିଥିବା ସର୍ବସାଧାରଣ ଉତ୍ପୀଡ଼ନର ସଂଜ୍ଞା ଅନୁଯାୟୀ ଜଳ ପ୍ରଦୂଷଣ ଦ୍ୱାରା ସୃଷ୍ଟି ହେଉଥିବା ଦୁର୍ଦ୍ଦଶାକୁ ସର୍ବସାଧାରଣ ଉତ୍ପୀଡ଼ନ ବୋଲି  ଗଣନା କରାଯାଇଥାଏ । କୌଣସି କାର୍ଯ୍ୟ ବା କାର୍ଯ୍ୟରେ ଅବହେଳା ବଶତଃ ଯଦି ସର୍ବସାଧାରଣ  କୌଣସି କ୍ଷତି, ବିପଦ ବା ଉତ୍ପୀଡ଼ନ ହେଉଥାଏ କିମ୍ବା ନିକଟରେ ବସବାସ କରୁଥିବା  ଜନସାଧାରଣ କିମ୍ବା ସର୍ବସାଧାରଣ ଅଧିକାର ସାବ୍ୟସ୍ତତାରେ କୌଣସି ବ୍ୟାଘାତ ହେଉଥାଏ ତେବେ ଏହାକୁ ସର୍ବସାଧାରଣ ଉତ୍ପୀଡ଼ନର କୁହାଯାଏ । ଏହି ଅନୁଚ୍ଛେଦକୁ  ଅନୁଚ୍ଛେଦ ୧୯ ସହ ବ୍ୟବହାର କରାଯାଇଥାଏ ଯାହାକି ବିଚାରପତି ଏବଂ ଜିଲ୍ଲା କଲେକ୍ଟରଙ୍କ ପାଖରେ ଏ ବାବଦରେ ଅଭିଯୋଗ ଦାଖଲ ବିଷୟରେ ଉଲ୍ଲେଖ କରିଛି ।

## କାରଖାନା ଅଧିନିୟମ (ଫ୍ୟାକ୍ଟରିଜ୍ ଆକ୍ଟ), ୧୯୪୮

ଯେଉଁଠାରେ ଦ୍ରବ୍ୟ /ସାମଗ୍ରୀ ଉତ୍ପାଦନ ପ୍ରକ୍ରିୟା ସାଦିତ ହୁଏ, ସେଠାରେ ବିଦ୍ୟୁତ୍ ଶକ୍ତି ଉପଯୋଗ ହେଉଥିଲେ ୧୦ କିମ୍ବା ଅଧିକ ବ୍ୟକ୍ତି ନିୟୋଜିତ ହୋଇଥିଲେ କିମ୍ବା  ବିଦ୍ୟୁତ୍ ଶକ୍ତି ଉପଯୋଗ ନହେଉଥିଲେ ୨୦ ରୁ ଅଧିକ ବ୍ୟକ୍ତି ନିୟୋଜିତ ହୋଇଥିଲେ ଏହାକୁ କାରଖାନା କୁହାଯାଏ  ।

କାରଖାନା କାର୍ଯ୍ୟକ୍ଷମ ହେବା ପୂର୍ବରୁ କାରଖାନା ମାଲିକ ନାମ, ଠିକଣା, ଉତ୍ପାଦନ ପ୍ରକ୍ରିୟା ଓ କେତେ ସଂଖ୍ୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି ସେ ସର୍ମ୍ପକୀତ ବିବରଣୀ ପ୍ରଦାନକରି  ମୁଖ୍ୟ ନିରୀକ୍ଷକଙ୍କୁ ଏକ ନୋଟିସ୍ ଦାଖଲ କରିଥାନ୍ତି । ମୁଖ୍ୟ ନିରୀକ୍ଷକ ଏହାର ତଦାରଖ କରି  ଲାଇସେନ୍ସ ପ୍ରଦାନ କରିଥାନ୍ତି । ଯେଉଁ କାରଖାନାରେ  ବିପଦପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା ନିୟୋଜିତ ହୋଇଥାଏ, ସେ କ୍ଷେତ୍ରରେ ଏକ କ୍ଷେତ୍ର ମୂଲ୍ୟାଙ୍କନ କମିଟି( Site Appraisal Committee ) ପ୍ରତିଷ୍ଠା କରାଯାଏ ଏବଂ ଲାଇସେନ୍ସ ପ୍ରଦାନ କରାଯାଇଥାଏ । କ୍ଷେତ୍ର ମୂଲ୍ୟାଙ୍କନ କମିଟିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ସଦସ୍ୟରୂପେ କାର୍ଯ୍ୟକରିଥାନ୍ତି । ଯେ କୌଣସି ଯଥାର୍ଥ ସମୟରେ ମୁଖ୍ୟ ନିରୀକ୍ଷଙ୍କର ଓ ତାଙ୍କ ଦ୍ୱାରା ଅଧିକୃତ ଅଧିକାରୀ କାରଖାନାକୁ ଯାଇ ନମୂନା ସଂଗ୍ରହ କରିବାର କ୍ଷମତା ଅଛି ।



# 03 ଅଭିଯୋଗ ଦାଖଲ


# 03 ଅଭିଯୋଗ ଦାଖଲ

ପୂର୍ବୋକ୍ତ ଅନୁଚ୍ଛେଦରେ ଜଳ ପ୍ରଦୂଷଣ ଆଇନକୁ ବ୍ୟବହାର କରି  କିପରି ପ୍ରତିହତ କରାଯାଇପାରେ ସେ ସର୍ବରେ ଆଲୋଚନା କରାଯାଇଅଛି । କିନ୍ତୁ ଆଇନ ବିଷୟରେ ଜ୍ଞାନ ଯଥେଷ୍ଟ ନୁହେଁ । ଆଇନକୁ ଯଥାର୍ଥରେ  ବ୍ୟବହାର କରାନଗଲେ, ଫଳପ୍ରଦ ପ୍ରତିକାର ହାସଲ କରିବା କଷ୍ଟକର । ଏହି ଅନୁଚ୍ଛେଦରେ ଆଇନ୍‌କୁ କିପରି ଠିକ୍ ରୂପେ ବ୍ୟବହାର କରାଯାଇପାରିବ ସେ ସର୍ବରେ ଆଲୋଚନା କରାଯାଇଅଛି ।

## I.ପ୍ରମାଣ ସଂଗ୍ରହ

### କ) ଦଲିଲ୍/ ନଥିପତ୍ର

| ଦଲିଲ୍‌ର ପ୍ରକାର | କେଉଁଠାରେ ଉପଲବ୍ଧ | କଣ ପାଇଁ ବ୍ୟବହାର କରାଯାଇପାରେ |
|---|---|---|
| କାର୍ଯ୍ୟକାରୀ କରିବା ପାଇଁ ସମ୍ମତି<br><br>ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସମ୍ମତି | ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ | • ନିର୍ଗମର ସ୍ଥଳ/ ପଥ ଚିହ୍ନଟିକରଣ<br>• କେଉଁ ଅବଧି ପାଇଁ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଅଛି<br>• କେଉଁ ପ୍ରକାରର ଆବର୍ଜନା (ପ୍ରକାର ଓ ଏହାର ସମାହାର) |
| ପରିବେଶ ମଞ୍ଜୁରୀ (ଶିଳ୍ପ କାରଖାନାର ଆକାର ଓ ପ୍ରକାରଭେଦ ଆଧାରରେ) | କାଟାଗୋରୀ A- ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆଦିଲ୍ଲୀ । | • ଯଦି ଜଳ ପ୍ରଦୂଷଣର ସମ୍ଭାବନା ଥାଏ ତେବେ ଜଳ ନିର୍ଗମନ ବାବଦରେ ନିର୍ଦ୍ଦିଷ୍ଟ ସର୍ତ୍ତର ଉଲ୍ଲେଖ ଥାଏ |
| | କାଟାଗୋରୀ B: - ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA) | |
| | କାଟାଗୋରୀ B2: (ଲଘୁ ଖଣିଜ ପଦାର୍ଥ) ଜିଲ୍ଲା ସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (DEIAA) | |
| | ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ମଧ୍ୟ ଉପଲବ୍ଧ | |
| ପରିବେଶ ମଞ୍ଜୁରୀ ସର୍ତ୍ତୀତ ପର୍ଯ୍ୟବେକ୍ଷଣ ଓ ସର୍ତ୍ତପାଳନ ରିପୋର୍ଟ | ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଞ୍ଚଳିକ ଅଫିସ୍ (ରାଜ୍ୟ ସ୍ତରୀୟ ଲିଖିତ ବକ୍ତବ୍ୟରେ ଏହାକୁ ନିର୍ଦ୍ଦିଷ୍ଟ କରାଯିବ) | • ଜଳପ୍ରଦୂଷଣ ନିର୍ଗମନ ସମ୍ବନ୍ଧୀୟ ସର୍ତ୍ତଗୁଡ଼ିକର ପାଳନ ପୂର୍ବରୁ ହୋଇଥିଲା କି ନାହିଁ ଜାଣିବା ପାଇଁ ଏହା ଆବଶ୍ୟକ |
| ପୂର୍ବରୁ ଜାରି କରାଯାଇଥିବା କାରଣ ଦର୍ଶାଅ, ପ୍ରକଳ୍ପ ବନ୍ଦ ନୋଟିସ୍ ଓ ନିର୍ଦ୍ଦେଶ ନାମା | ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ | |



## ଖ) ଫଟୋଗ୍ରାଫ ଓ ଭିଡ଼ିଓ କ୍ଲିପ

କ୍ଷେତ୍ରର ବାସ୍ତବିକ ସ୍ଥିତିକୁ ଚିତ୍ରଣ କରିବା ପାଇଁ ଫଟୋଗ୍ରାଫ୍ ଆଧାରିତ ପ୍ରମାଣ ସଦାସର୍ବଦା ଆବଶ୍ୟକ । କେଉଁ ତାରିଖରେ ଓ କେଉଁ ସମୟରେ ଫଟୋ ଉଠାଯାଇଅଛି ବା ଭିଡ଼ିଓ ଚିତ୍ର ଉତ୍ତୋଳନ କରାଯାଇଅଛି ତାହା ଲେଖି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।



## ଗ) ଖବର କାଗଜ ବିବରଣୀ

ଯଦି ଘଟଣାଟି (ଜଳପ୍ରଦୂଷଣ) ଖବରକାଗଜରେ ପ୍ରକାଶିତ ହୋଇଥାଏ ତେବେ ଏହା ଅଭିଯୋଗକୁ ମଜବୁତ୍ କରିବା ପାଇଁ ଏକ ଅତିରିକ୍ତ ପ୍ରମାଣ । ଖବର କାଗଜରେ ପ୍ରକାଶିତ ଲେଖାଟିକୁ ପ୍ରମାଣ ରୂପେ ବ୍ୟବହାର କରିବା ପୂର୍ବରୁ ଏହା ସତ୍ୟ ଓ ଏହାର ସତ୍ୟାପନକୁ ସୁନିଶ୍ଚିତ କରିବା ଉଚିତ୍ ।

# II. ଅଭିଯୋଗ ପ୍ରସ୍ତୁତ ପ୍ରଣାଳୀ



## କେତେବେଳେ ଅଭିଯୋଗ ଦାଖଲ କରାଯାଇପାରିବ?

ଅଭିଯୋଗ ଦାଖଲ ନିମ୍ନଲିଖିତ ପରିସ୍ଥିତି ଉପୁଜିଲେ କରାଯାଇପାରେ ।

- ଯଦି ଶିଳ୍ପ/ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମତି ନିଆଯାଇ ନଥାଏ
- ନିର୍ଦ୍ଧାରିତ ସର୍ତ୍ତର ଉଲଙ୍ଘନ ହୋଇଥାଏ
- ପୂର୍ବ ଅନୁଚ୍ଛେଦରେ ଦର୍ଶାଯାଇଥିବା ଆଇନ୍ ପ୍ରାବଧାନର ଉଲଙ୍ଘନ ହୋଇଥାଏ



## ଅଭିଯୋଗର ବିଷୟବସ୍ତୁ କଣ ହେବ?

- କେଉଁ ପ୍ରକାରର ଉଲଙ୍ଘନ
- ନିକଟରେ ବସବାସ କରୁଥିବା ଜନ ସାଧାରଣଙ୍କର ଉପରେ ସର୍ତ୍ତ ଉଲଙ୍ଘନର ପ୍ରଭାବ
- ସହାୟକ ପ୍ରମାଣ
- କିଭଳି ପ୍ରତିକାର ଆଶା କରାଯାଉଅଛି ।

## ଅଭିଯୋଗ କେଉଁ କର୍ତ୍ତୃପକ୍ଷଙ୍କ ଠାରେ ଦାଖଲ କରାଯିବ ?

| | |
|---|---|
| ଜଳ ଅଧିନିୟମର ପ୍ରାବଧାନ, ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସମ୍ମତି, ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସମ୍ମତିର ଉଲଙ୍ଘନ | ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ |
| | ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ |
| ପରିବେଶ ମଞ୍ଜୁରୀ ସର୍ତ୍ତାବଳୀର ଉଲଙ୍ଘନ | ଆଞ୍ଚଳିକ କାର୍ଯ୍ୟାଳୟ, ପରିବେଶ ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଏସ୍ଇଆଇଏଏ, ଡ଼ିଇଆଇଏଏ |
| ସର୍ବସାଧାରଣ ଉତ୍ପୀଡନ | ଜିଲ୍ଲା /କଲେକ୍ଟର / ମାଜିଷ୍ଟ୍ରେଟ୍ |

# ପ୍ରଶାସନିକ ପ୍ରତିକାର ପାଇଁ ଆଇନଗତ ସୁବିଧା ସୁଯୋଗ

| ପରିସ୍ଥିତି | ଉପଲବ୍ଧ ପ୍ରତିକାର |
|---|---|
| ସମ୍ମତି ବିନା ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ | ପ୍ରକଳ୍ପର କାର୍ଯ୍ୟଶୈଳୀ ବାବଦରେ ନିର୍ଦ୍ଦିଷ୍ଟ ସର୍ତ୍ତ ଉଲ୍ଲେଖ କରାଯାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନୋଟିସ୍ ପ୍ରେରଣ । |
| ସମ୍ମତିପତ୍ରରେ ଦର୍ଶାଯାଇଥିବା ସର୍ତ୍ତାବଳୀର ଅନୁପାଳନ ନ ହେଉଥିଲେ | • ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଦ୍ୱାରା କାରଣ ଦର୍ଶାଅ ନୋଟିସ୍ ଜାରି<br>• ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା କାର୍ଯ୍ୟବନ୍ଦ ପାଇଁ ଆଦେଶ |
| କାରଣ ଦର୍ଶାଅ ନୋଟିସର ଉତ୍ତର ନ ମିଳିଲେ/ କାରଣ ଦର୍ଶାଅ ନୋଟିସ୍ ଉତ୍ତରରେ ଦିଆଯାଇଥିବା ପ୍ରତିଶ୍ରୁତିର ଖିଲାପ ହେଲେ | • ପ୍ରଦୂଷଣ ସୃଷ୍ଟି କରୁଥିବା କାର୍ଯ୍ୟକୁ ବନ୍ଦ କରିବା, ଏହାକୁ ନିଷେଧ କରିବା କିମ୍ବା ନିୟନ୍ତ୍ରଣ କରିବା<br>• ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ବା ସେପରି ଅନ୍ୟ ସୁବିଧା ବନ୍ଦ କରିବା |
| ଜଳ ଅଧିନିୟମ ଅନୁଯାୟୀ ଜାରି କରାଯାଇଥିବା ନିର୍ଦ୍ଦେଶକୁ ପାଳନ କରିବାରେ ବିଫଳତା | ଜେଲଦଣ୍ଡ କିମ୍ବା/ ଏବଂ ଜୋରିମନ |
| ପରିବେଶ ମଞ୍ଜୁରୀରେ ଦର୍ଶାଯାଇଥିବା ସର୍ତ୍ତାବଳୀ ପାଳନରେ ବିଫଳତା | • ପରିବେଶ ସୁରକ୍ଷା ଆଇନ, ୧୯୮୬ ଅନୁଯାୟୀ ଜେଲଦଣ୍ଡ କିମ୍ବା/ ଏବଂ ଜୋରିମନା ଯାହାକି ୫ ବର୍ଷ କାରାବାସ କିମ୍ବା ୧ ଲକ୍ଷ ଟଙ୍କା ଜରିମନା କିମ୍ବା ଉଭୟ ଜେଲଦଣ୍ଡ ଓ ଜୋରିମନା<br>• ସର୍ତ୍ତାବଳୀ ପାଳନ ନ ହେବା ଯୋଗୁଁ ପରିବେଶ ମଞ୍ଜୁରୀ ପ୍ରତ୍ୟାହାର |
| ସର୍ବସାଧାରଣ ଉତ୍ପୀଡ଼ନ | ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ଆଦେଶନାମା ଜାରି |
| ଜରୁରୀ (ଯଦି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଭବ କରେ ଯେ ବିଷାକ୍ତ, କ୍ଷତିକାରକ କିମ୍ବା ଦୂଷିତ ଦ୍ରବ୍ୟର ନିର୍ଗମନ ଯୋଗୁଁ ଉକ୍ତ ପଦାର୍ଥ ଜଳପ୍ରବାହ, କୂପ କିମ୍ବା ଭୂଖଣ୍ଡରେ ଅବସ୍ଥିତ କିମ୍ବା ଅପରିକଳ୍ପିତ କାର୍ଯ୍ୟ ବା ଘଟଣା ଯୋଗୁଁ ଏହା ଜଳପ୍ରବାହ କିମ୍ବା କୂପ ମଧ୍ୟକୁ ପ୍ରବେଶ କରିଛି ଏବଂ ଯଦି ବୋର୍ଡ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ଉପଲବ୍ଧି କରେ) | • ବିଷାକ୍ତ, କ୍ଷତିକାରକ କିମ୍ବା ଦୂଷିତ ଦ୍ରବ୍ୟକୁ ଜଳପ୍ରବାହ କିମ୍ବା କୂପଜଳରୁ ଅଲଗା କରିବା<br>• ଉକ୍ତ ଦ୍ରବ୍ୟ ଯୋଗୁଁ ହୋଇଥିବା ପ୍ରଦୂଷଣର ପ୍ରତିକାର କିମ୍ବା ଉପଚାର<br>• ପ୍ରଦୂଷଣ ସୃଷ୍ଟି କରିଥିବା ବ୍ୟକ୍ତିକୁ ଉକ୍ତ ହାନିକାରକ ଦ୍ରବ୍ୟ ନିର୍ଗମନ କରିବାରୁ ବିରତ କରିବା କିମ୍ବା ନିଷେଧ କରିବା ପାଇଁ ଆଦେଶ ଜାରି |

# ସେଣ୍ଟର ଫାର ପଲିସି ରିସର୍ଚ୍ଚ ସମ୍ବନ୍ଧରେ

ସେଣ୍ଟର ଫାର ପଲିସି ରିସର୍ଚ୍ଚ (ସି.ପି.ଆର) ଭାରତ ବର୍ଷରେ ୧୯୭୩ ମସିହା ଠାରୁ ସାର୍ବଜନୀକ ନିତି ଉପରେ ପ୍ରବୃଦ୍ଧ ବିଶେଷଜ୍ଞ ମାନଙ୍କ ସମୂହ ଅଟେ । ଏହା ଏକ ଅଣ ଲାଭଜନିକ, ସତନ୍ତ୍ର ସଂସ୍ଥା ଯାହାକି ଭାରତରେ ଜୀବିକାକୁ ପ୍ରଭାବିତ କରିବା ତାଂଚା ଏବଂ ପ୍ରକ୍ରିୟା ଉପରେ ସାର୍ବଜନିକ ଚର୍ଚ୍ଚା ପାଇଁ ଯୋଗଦାନ ଉପରେ ଅନୁଧ୍ୟାନ ଉପରେ ସମର୍ପିତ ଅଟେ ।

**www.cprindia.org**

# ନମତି ସମ୍ବନ୍ଧରେ

ଏହା ଏପରି ଏକ ବିଶ୍ୱ ଯେଉଁ ଠାରେ କି କୋଟି କୋଟି ଲୋକଙ୍କୁ କାନୁନର ସୁରକ୍ଷା ମିଳି ପାରୁନାହିଁ । ନମତି ଏପରି ଏକ ସଂସ୍ଥା ଯିଏକି ଏହି ସାଧାରଣ ଲୋକଙ୍କ ହାତରେ କାନୁନ ଦେବାଲାଗି ସର୍ବଦା ତତ୍ପର ହେଉଅଛି । ଏହା କ୍ଷେତ୍ରସ୍ତରୀୟ କାମ କରୁଥିବା କାନୁନ ପେଶାଦାରମାନଙ୍କୁ ନେଇ ଏକ ସାମୁହିକ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତ ହେଉଅଛି, ଯେଉଁ ମାନେ କି ସ୍ଥାନୀୟ ଜନସାଧାରଣଙ୍କ ସହ ମିଳି ନ୍ୟାୟ ପ୍ରଦାନ କରିବାର କାଯ୍ୟ କରୁଅଛି । ଏହି କ୍ଷେତ୍ର ସ୍ତରୀୟ ପେଶାଦାର ମାନେ ଆଗଭର ହୋଇ ସଂଘର୍ଷ କରୁଅଛନ୍ତି ଯେଉଁଥିପାଇଁ କି ସ୍ଥାନୀୟ ଲୋକ ନିଜ ନିଜର ଜମିକୁ ବଂଚାଇବ ପାରିବେ, ଆବଶ୍ୟକିୟ ସେବା ପାଇ ପାରିବେ ଆଉ ତା ସହିତ ସେମାନଙ୍କ ଜୀବନ ଜୀବିକା କୁ ପ୍ରଭାବିତ କରୁଥିବା ସେ ସମସ୍ତ କର୍ଯ୍ୟରେ ନିଆଯାଉଥିବା ନିର୍ଣ୍ଣୟରେ ଭାଗିଦାରୀ ହୋଇପାରିବେ ।

**www.namati.org**

CENTRE FOR POLICY RESEARCH

NAMATI
INNOVATIONS IN LEGAL EMPOWERMENT